

# ଜୈବିକ ପ୍ରଣାଳୀରେ କୋଦ ଚାଷ

## ଉପକ୍ରମ (Introduction)

କୋଦ ଭାରତର ଏକ ସ୍ୱଦେଶୀ ଶସ୍ୟ ଏହା ଭାରତର  ଉତ୍ତରପ୍ରଦେଶ , କେରଳ, ତାମିଲନାଡୁରେ ଅଧିକ ଚାଷ କରାଯାଏ । ଏହା ଟ୍ରପିକାଲ୍ ଏବଂ ସବ୍ ଟ୍ରପିକାଲ୍ ଜଳବାୟୁରେ ୨ ୧ ୦ ୦ ମିଟର (ସମୁଦ୍ର ପତନଠାରୁ) ପର୍ଯ୍ୟନ୍ତ ଚାଷ ଉପଯୋଗୀ । ଏହା ଏକ ଉତ୍ତାପ ପ୍ରିୟ ଉଦ୍ଭିଦ । ଏହା ୫୦୦-୯୦୦ ମି.ଲି.ବୃଷ୍ଟି ଆବଶ୍ୟକ କରେ । ଏଥିରେ ଅଧିକ ପ୍ରୋଟିନ୍ (11%), କମ୍ ଚର୍ବି (4.2%) ଏବଂ ବହୁତ ଉଚ୍ଚ ଫାଇବର ସାମଗ୍ରୀ (14.3%) ଥାଏ । କୋଦ ମିଲେଟ ହଜମ କରିବା ଅତି ସହଜ, ଏଥିରେ ଅଧିକ ପରିମାଣର ଲେସିଟିନ୍ ଥାଏ ଏବଂ ସ୍ନାୟୁ ପ୍ରଣାଳୀକୁ ମଜବୁତ କରିବା ପାଇଁ ଉତ୍କୃଷ୍ଟ ଅଟେ । ଏହି ମିଲେଟରେ ଭିଟାମିନ୍ – ବି , ବିଶେଷତ ନିୟାସିନ୍, ବି - 6 ଏବଂ ଫୋଲିକ୍ ଏସିଡ୍, ଏବଂ କ୍ୟାଲସିୟମ୍, ଆଇରନ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଜିଙ୍କ ପରି ଖଣିଜ ପଦାର୍ଥ ଭରପୂର ଅଟେ । ଏହା ଗ୍ଲୁଟେନ୍ ମୁକ୍ତ ଏବଂ ଗ୍ଲୁଟେନ୍ ଅସହିଷ୍ଣୁ ବ୍ୟକ୍ତିଙ୍କ ପାଇଁ ଏହା ଭଲ ଅଟେ । ଉଚ୍ଚ ରକ୍ତଚାପ ଏବଂ ଉଚ୍ଚ କୋଲେଷ୍ଟ୍ରଲ ସ୍ତର ପରି ହୃଦ୍ ରୋଗର ଲକ୍ଷଣରେ ପୀଡିତ ପୋଷ୍ଟମେନୋପାଜାଲ ମହିଳାଙ୍କ ପାଇଁ କୋଡୋ ମିଲେଟର ନିୟମିତ ବ୍ୟବହାର ଅତ୍ୟନ୍ତ ଲାଭଦାୟକ ଅଟେ । ଏହା ଓଡ଼ିଶାର ବଲାଙ୍ଗୀର, ବରଗଡ଼, ବୌଦ୍ଧ, କଳାହାଣ୍ଡି ଜିଲ୍ଲା ମାନଙ୍କରେ ଚାଷ କରାଯାଏ ।

## ଜମି ଓ ଚାଷ ସମୟ (Land Type & Cultivation Time)

ନିଗିଡା,ଢିପ ଜମି, ପାହାଡିଆ ଜମି କୋଦ ଚାଷ ପାଇଁ ଉପଯୁକ୍ତ ।  ଏହା ଖୁବ କମ ପାଣି ଦରକାର କରେ । ବର୍ଷର ଖରିଫ ଋତୁରେ ଚାଷ କରାଯାଇଥାଏ । ଜୁନ ପ୍ରଥମ ସପ୍ତାହ ରୁ ଜୁନ ଶେଷ ସପ୍ତାହ ମଧ୍ୟରେ ବୁଣା ଯାଏ । ପାଗ ଅନୁଯାୟୀ ଜୁଲାଇ ପ୍ରଥମ ସପ୍ତାହରେ ବୁଣାଯାଇପାରେ ।





## କୋଦ କିସମ (Kodo Millet Varieties)

**କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାମାଣିକ କୋଦ କିସମ**

RK-65-18, JK 439, RBK 155, JK 13, JK 65 and JK 48, JK 137, RK 390-25, JK 106, GPUK 3, KMV 20 (Bamban), CO 3, TNAU 86, RBK 155 and JK 439, Indira Kodo-1, Indira Kodo- 48

**ଓଡିଶାରେ ଚାଷ କରାଯାଉଥିବା ଦେଶୀ କୋଦ କିସମ:** (Traditional Varieties of Kodo Millet in Odisha)
ବଲାଙ୍ଗୀର କୋଦ, ବରଗଡ଼ କୋଦ

**ଆଞ୍ଚଳିକ ନାମ : Vernacular Names**

ହିନ୍ଦୀ – କୋଡନ, କନ୍ନଡ – ହରକା, ତାମିଲ – ଭରାଗୁ, ତେଲୁଗୁ – ଆରିକେଲୁ, ମାଲାୟାଲମ୍ - ଭରାଗୁ, ମରାଠୀ – କୋଡ୍ରା, ଗୁଜୁରାଟୀ – କୋଡ୍ରା, ବଙ୍ଗାଳୀ – କୋଡୋ, ପଞ୍ଜାବୀ – କୋଡ୍ରା, ଓଡିଆ – କୋଦ

## ଆବଶ୍ୟକ ବିହନ ପରିମାଣ ଓ ବିଶୋଧନ

**ବିହନ ପରିମାଣ: (ଏକ ଏକର ପ୍ରତି)(Seed Rate /Acre)**

ଧାଡି ବୁଣା ପ୍ରଣାଳୀରେ ଚାଷ – ୪ ରୁ ୪ .୫ କି.ଗ୍ରା*

*(*ବିହନର ଭୌତିକ ଶୁଦ୍ଧତା – ୯୮% ଏବଂ ବିହନର ଗଜା କ୍ଷମତା – ୮୦% ରୁ ଅଧିକ ହେଉଥିବ)*

### ବିହନ ବିଶୋଧନ : (Seed Treatment)

- ୧ କି.ଗ୍ରା କୋଦ ବିହନରେ ୨୦୦ ମି.ଲି ବିଜାମୃତକୁ ଗୋଳାଇ ବିହନ ବିଶୋଧନ କରନ୍ତୁ, କିମ୍ବା ୧ କି.ଗ୍ରା. ବିହନକୁ ଏକ କପଡାରେ ବାନ୍ଧି ବୀଜାମୃତ ଦ୍ରବଣରେ ୧୫ ମିନିଟ ବୁଡାଇ ପରେ ଛାଇରେ ଶୁଖାଇ ବୁଣନ୍ତୁ ।
- ଆବଶ୍ୟକ ପରିମାଣର ବିହନକୁ ଏକ କପଡାରେ ଭଲ ଭାବରେ ବାନ୍ଧି (ଗୋମୁତ୍ର ୫୦୦ ମି.ଲି + ୨.୫ଲିଟର ପାଣି)ର ଏକ ମିଶ୍ରଣ କରି ତା ମଧ୍ୟରେ ୩୦ ମିନିଟ ପର୍ଯ୍ୟନ୍ତ ବୁଡାନ୍ତୁ, ଏବଂ ପରେ ବିହନକୁ କପଡାରୁ ଖୋଲି ଛାଇରେ ଶୁଖାଇ ବୁଣନ୍ତୁ ।
- ୫୦ ଗ୍ରାମ ଦୁଦୁରା ପତ୍ରକୁ ଛେଚି ଏହାର ରସକୁ ୨ ଲିଟର ପାଣିରେ ମିଶାଇ ୧ କିଗ୍ରା ବିହନ ବିଶୋଧନ କରନ୍ତୁ ।



## ଜମି ପ୍ରସ୍ତୁତି ଓ ଧାଡି ବୁଣା: (Land Preparation & Line Sowing)

- ମାର୍ଚ୍ଚ ଓ ଏପ୍ରିଲ ମାସରେ ଜମିକୁ ବଡ ଫାଳ ଲଙ୍ଗଳ ସାହାଯ୍ୟରେ ଖରାଟିଆ ଚାଷ କରନ୍ତୁ, ଯେପରିକି ମାଟିରେ ଥିବା କବକ ଓ ପୋକର ଅଣ୍ଡା ସୂର୍ଯ୍ୟାଲୋକରେ ନଷ୍ଟ ହୋଇଯିବ।
- ଦାନ୍ତୀପଟା ବ୍ୟବହାର କରି ହଳ ପରେ ଘାସ ଗୁଡିକୁ ଟାଣି ନିଅନ୍ତୁ ।
- ବର୍ଷା ପଡିବା ପରେ ଜମିକୁ ଦୁଇ ରୁ ତିନି ଥର ହଳ କରନ୍ତୁ ।
- ଶେଷ ଥର ହଳ କରିବା ପୂର୍ବରୁ ଏକର ପିଛା ୨୦ କୁଇଣ୍ଟାଲ ସଢା ଗୋବର ଖତ କିମ୍ବା ୪ କୁଇଣ୍ଟାଲ ଘନଜୀବାମୃତ କିମ୍ବା ୬ କୁଇଣ୍ଟାଲ ଜିଆ ଖତ କୁ ମୂଳ ସାର ରୂପେ ପ୍ରୟୋଗ କରି ହଳ କରି ମାଟିରେ ମିଶାନ୍ତୁ ଯଦି ଆପଣଙ୍କ ଜମିରେ ଉଇ ଲାଗୁଥିବେ ତେବେ ଏକର ପିଛା ୧୦୦ କି.ଗ୍ରା. ନିମ ବା କରଞ୍ଜ ପିଡ଼ିଆକୁ ଭଲ ଭାବରେ ଗୁଣ୍ଡ କରି ମାଟିରେ ମିଶାଇ ହଳ କରନ୍ତୁ
- ଜମି ହଳ ହେଲା ପରେ, ମାପକ ଯନ୍ତ୍ର ସାହାଯ୍ୟରେ ୨୦ ସେ.ମି ବ୍ୟବଧାନରେ ଧାଡି ଟାଣନ୍ତୁ ।
- ୪ ରୁ ୪.୫ କି.ଗ୍ରା. ବିଶୋଧିତ କୋଦ ବିହନକୁ (୧:୧୦ ମୁଠା) ଅନୁପାତରେ ଶୁଖିଲା ସରୁ ବାଲି ମିଶାଇ ଧାଡିରେ ବୁଣି ଦିଅନ୍ତୁ । ବୁଣିଲା ପରେ ଧାଡିକୁ ପାଦ ସାହାଯ୍ୟରେ ଘୋଡାଇ ଦିଅନ୍ତୁ ।
- ଧାଡି ବୁଣା ପଦ୍ଧତିରେ ଧାଡିକୁ ଧାଡି ୨୦ ସେ.ମି ରଖିବେ । ଧାଡି ବୁଣା ସମୟରେ ୩ ସେ.ମି ଗଭୀରରେ ବୁଣାଯାଏ ।



## ଗଛସଂଖ୍ୟା ପତଳା କରିବା ଏବଂ ଖାଲି ସ୍ଥାନ ପୂରଣ କରିବା (Thinning & Gap Filling)

- ବୁଣିବାର ୩୦ ଓ ୩୫ ଦିନ ପରେ ,ଏକ ୧୦ ମିଟର ପ୍ଲାଷ୍ଟିକ ଦଉଡି ନିଅନ୍ତୁ ଏବଂ ସେଥିରେ ପ୍ରତି ୧୦ ସେ.ମି. ଅନ୍ତରରେ ଚିହ୍ନ ଦିଅନ୍ତୁ ବା ଖଣ୍ଡ ଜରି ବାନ୍ଧନ୍ତୁ ଏହାପରେ ଏହି ଦଉଡିକୁ ଧାଡ଼ିରେ ବୁଣା ହୋଇଥିବା ବିହନ ଉପରେ ସିଧା ରଖନ୍ତୁ ।
- ୧୦ ସେ.ମି. ଚିହ୍ନିତ ସ୍ଥାନରେ ଅଧିକ ଗଛ ଉଠିଥିଲେ ୨ ରୁ ୩ ଟି ଗଛ ରଖି ଅନ୍ୟ ଗଛ ଉପାଡି ଦିଅନ୍ତୁ ଏବଂ ଯେଉଁ ଚିହ୍ନିତ ସ୍ଥାନରେ ଗଛ ନାହିଁ ଉପଡି ଥିବା ଗଛକୁ ଲଗାନ୍ତୁ
- ମନେରଖନ୍ତୁ ଏହି କାର୍ଯ୍ୟ ମାଟିରେ ବତର ଥିବା ସମୟରେ କରିବା ଉଚିତ ମାଟି ଶୁଖିଲା ଥିଲେ କରନ୍ତୁ ନାହିଁ ।
- ଏହାଦ୍ୱାରା ଗଛ ସଂଖ୍ୟା ବଜାୟ ରହିବ ଏବଂ ସମସ୍ତ ଗଛ ସୂଚାରୁ ରୂପରେ ସଠିକ ଖାଦ୍ୟ ପାଇ ପାରିବେ ।



## ଖାଦ୍ୟ ସାର ପରିଚାଳନା (Nutrient Management)

- ବୁଣିବାର ୩୫ ରୁ ୪୦ ଦିନ ସମୟରେ ଏକର ପିଛା ୨୦୦ ଲିଟର ଜୀବାମୃତକୁ ପ୍ରୟୋଗ କରନ୍ତୁ। ପ୍ରଥମ ଘାସ ବଛା ପରେ ୧୫୦ ଲିଟର ଜୀବାମୃତକୁ ପାଣି ମଡାଇବା ବେଳେ କିମ୍ବା ମାଟିରେ ବତର ଥିବା ସମୟରେ ସିଧା ସଳଖ ମାଟିରେ ପ୍ରୟୋଗ କରନ୍ତୁ ଏବଂ ବାକି ୫୦ ଲିଟର ଜୀବାମୃତକୁ (୧:୧୦) ଲିଟର ଅନୁପାତରେ ପାଣି ସହ ମିଶାଇ ଦୁଇ ଥର ପତ୍ର ସିଞ୍ଚନ କରନ୍ତୁ ।
- ଗୋଡି ମାଟି ବା ପଥୁରିଆ ମାଟିରେ ବୁଣିବାର ୨୫-୩୦ ଦିନ ପରେ ୫% ଜୀବାମୃତକୁ ପତ୍ର ସିଞ୍ଚନ କରନ୍ତୁ ଏହାପରେ ପ୍ରତି ୧୫ ଦିନ ଅନ୍ତରାଳରେ ୧୦%, ୧୫%, ୨୦% ଜୀବାମୃତକୁ ପତ୍ର ସିଞ୍ଚନ କରନ୍ତୁ ।
- ବୁଣିବାର ୪୫ ରୁ ୫୦ ଦିନ ପରେ ହାଣ୍ଡିଖତକୁ (୧:୪୦) ଲିଟର ଅନୁପାତରେ ପାଣି ସହ ମିଶାଇ ଗୋଟିଏ ଥର ପତ୍ର ସିଞ୍ଚନ କରନ୍ତୁ ।
- ବୁଣିବାର ୬୦ ରୁ ୭୦ ଦିନ ମଧ୍ୟରେ ପଞ୍ଚଗବ୍ୟକୁ (୧:୨୦) ଲିଟର ଅନୁପାତରେ ପାଣି ସହ ମିଶାଇ ଗୋଟିଏ ଥର ପତ୍ର ସିଞ୍ଚନ କରନ୍ତୁ ।

*** ମନେରଖନ୍ତୁ ପତ୍ରସିଂଚନର ସମୟ ସନ୍ଧ୍ୟା ୫ ଟା ପରେ କରିବେ କାରଣ ତାପମାତ୍ର ୨୦०C ତଳେ ରହିଲେ ପତ୍ର ସିଂଚନର ଉପକାରିତା ଅଧିକ ହୋଇଥାଏ ***



## ଘାସ ବଛାବଛି (Weeding)



- କୋଦ ବିହନ ବୁଣିବାର ୧୦ ରୁ ୧୫ ଦିନ ଅନ୍ତରାଳରେ ସାଇକଲ ଉଇଡ଼ର ସାହାଯ୍ୟରେ ଘାସ ବାଛନ୍ତୁ ।
- ମାଟିରେ ବତର ଥିବା ସମୟରେ ସାଇକଲ ଉଇଡ଼ର ଚଲାଇବେ । ଚଲାଇବା ସମୟରେ ସାଇକଲ ଉଇଡରକୁ ଆଗ ଓ ପଛ କରି ଚଲାଇବେ, ନଚେତ ଆଗକୁ ଆଗକୁ ଚଲାଇଲେ ଅଧିକ ସମୟ, ପରିଶ୍ରମ ଓ ମାଟି ଖାଲୁଆ ହୋଇଯିବ ଅନ୍ୟ ଘାସ ବଛା ଯନ୍ତ୍ର ମଧ୍ୟ ବ୍ୟବହାର କରି ପାରିବେ ।
- ଚଲାଇବା ସମୟରେ ଗଛର ଚେର ଓ ପିଲ ଯେପରି ଅକ୍ଷତ ରହିବ ସେଥି ପ୍ରତି ଧ୍ୟାନ ଦେବେ ।
- ଗଛ ବଡ ହୋଇଗଲେ ଆଉ ସାଇକଲ ଉଇଡ଼ର ନ ଚଲାଇ ହାତରେ ଘାସ ବାଛିବେ ।

## ଜଳ ସେଚନ (Irrigation)

ଏହି କୋଦ ଚାଷ ସାଧାରଣତଃ ବର୍ଷାପ୍ଳାବିତ ଅଞ୍ଚଳରେ ଚାଷ କରାଯାଇଥାଏ, ତେଣୁ ଚାଷୀ ମାନେ ବର୍ଷା ଜଳକୁ ଠିକ ଭାବରେ ପରିଚାଳନା କରିବା ଆବଶ୍ୟକ । ଗଛର ବୃଦ୍ଧି ଅବସ୍ଥା, ଫୁଲ ଧରିଲା ବେଳେ, ଦାନା ବାନ୍ଧିଲା ସମୟରେ ନିଶ୍ଚୟ ପାଣି ମଡାନ୍ତୁ , ନଚେତ ଦାନା ଗୁଡିକ ଅଗାଡି ହୋଇଯିବାର ସମ୍ଭାବନା ଥାଏ ।

## ଫସଲ ପ୍ରଣାଳୀ

### ଅନ୍ତଃ ଫସଲ :

କୋଦ + ହରଡ଼ ବା କାନ୍ଦୁଲ (୪:୧) : (୨୦ x ୧୦ + ୬୦ x ୧୫) ସେ.ମି.
କୋଦ + ବିରି ବା ମୁଗ (୪ :୧) : (୨୦ x ୧୦ + ୩୦ x ୧୦ ) ସେ.ମି.

### ଫସଲ ପର୍ଯ୍ୟାୟ:

କୋଦ ଅମଳ ହେଲା ପରେ ଜମିରେ ଦ୍ୱିତୀୟ ଚାଷ ରୂପେ ଅଳସୀ ବୁଣି ପାରିବେ ।



# ରୋଗ ଓ ପୋକ ପରିଚାଳନା
(Disease & Pest Management)

## ପତ୍ର ପୋଡା ରୋଗ (Bacterial Leaf Blight)

- ଜମିରୁ ଜଳ ନିଷ୍କାସନ କରନ୍ତୁ ଓ ମାଟି ଫାଟିଲା ପରେ ପୁଣି ପାଣି ମଡାନ୍ତୁ । ରୋଗିଣା କିଆରୀରେ ପାଣି ମଡାନ୍ତୁ ନାହିଁ ।
- କିଆରୀ ବା ହୁଡାରେ ଥିବା ଅନାବନା ଘାସ ଉପାଡି ନଷ୍ଟ କରିଦିଅନ୍ତୁ ।
- ୨୦ କି.ଗ୍ରା. ସଜ ଗୋବରକୁ ୨୦୦ ଲିଟର ପାଣିରେ ଗୋଳାଇ ତାକୁ ଏକ ପତଳା କନାରେ ଛାଣନ୍ତୁ ଏବଂ ଏହି ମିଶ୍ରଣରେ ପୁଣି ୫୦ ଲିଟର ପାଣି ମିଶାଇ ୧୦ ଦିନକୁ ଥରେ ସନ୍ଧ୍ୟା ସମୟରେ ପତ୍ର ସିଂଚନ କରନ୍ତୁ ।
- କୋଦ କଟା ହେବା ପରେ ଜମିରେ ଥିବା କୋଦ ମୂଳକୁ ପୋଡି ଦିଅନ୍ତୁ ।
- କୋଦ ବିହନକୁ ବୀଜାମୃତ ଦ୍ୱାରା ବିଶୋଧନ କରନ୍ତୁ ।




## କାଣ୍ଡ ଉଡ଼ା ପୋକ (Shoot Flies)



ଏହା ଏକ ବିହନ କୀଟ ସାଧାରଣତଃ ବୀଜ ଅଙ୍କୁରିତ ହେବାର ୧-୬ ସପ୍ତାହ ମଧ୍ୟରେ ଦେଖାଯାଏ । କୀଟଟି ବଢୁଥିବା ଶସ୍ୟର ଅଗ ପତ୍ରକୁ ଖାଇଥାଏ ଫଳରେ ପତ୍ରଟି ଝାଉଁଳି ପଡେ ପରେ କେନ୍ଦ୍ରୀୟ ପତ୍ର ଶୁଖିବା ଦ୍ୱାରା ମୃତ ହୃଦୟର (dead heart ) ସାଧାରଣ ରୂପ ଦେଇଥାଏ ।

### ନିରାକରଣ:

- ୧୫ ଲିଟର ପାଣିରେ ୧ ଲିଟର ନିମାସ୍ତ୍ର ଗୋଳାଇ ସନ୍ଧ୍ୟାବେଳେ ପ୍ରତି ଦଶ ଦିନ ଅନ୍ତରରେ ପତ୍ର ସିଂଚନ କରନ୍ତୁ ।
- ୩ ମି.ଲି ନିମ୍ବ ତେଲକୁ ୧ ଲିଟର ପାଣିରେ ମିଶାଇ ପ୍ରତି ୧୫ ଦିନ ଅନ୍ତରାଳରେ ପ୍ରୟୋଗ କରନ୍ତୁ ।
- କୋଦ ବୁଣିବାର ୩୦ ଦିନ ପରେ ଜମି ହୁଡ଼ାରେ ନିଆଁ ଜାଳନ୍ତୁ ।
- ଜମିରେ ଅଧିକ ବିହନ ବୁଣନ୍ତୁ ଏବଂ ଗଛକୁ ପତଳା କରିବା ଏବଂ ଖାଲି ସ୍ଥାନ ପୂରଣ କରିବା ସମୟରେ ରୋଗାକ୍ରାନ୍ତ ଗଛକୁ ଉପାଡି ଦିଅନ୍ତୁ କିମ୍ବା ବିହନ ବୁଣିବା ସମୟ ଡେରି କରନ୍ତୁ ।
- ୧୦୦ ଗ୍ରାମ ରସୁଣକୁ ଭଲ ଭାବରେ ଛେଚି ୫୦ ଲିଟର ପାଣିରେ ଗୋଳାଇ ଛାଣନ୍ତୁ ଏବଂ ସପ୍ତାହକୁ ଥରେ ପତ୍ର ସିଞ୍ଚନ କରନ୍ତୁ ।

## ଜଉପୋକ (Aphids)



- ୧୦୦ ଗ୍ରାମ ରସୁଣକୁ ଭଲ ଭାବରେ ଛେଚି ୫୦ ଲିଟର ପାଣିରେ ଗୋଳାଇ ଛାଣନ୍ତୁ ଏବଂ ସପ୍ତାହକୁ ଥରେ ପତ୍ର ସିଞ୍ଚନ କରନ୍ତୁ ।
- ଛାଇରେ ଶୁଖିଥିବା ବାସଙ୍ଗ ପତ୍ର ଗୁଣ୍ଡକୁ (୨କେଜି) ୧ କେଜି ପାଉଁଶରେ ଗୋଳାଇ ଆକ୍ରାନ୍ତ ସ୍ଥାନକୁ ଫୋପାଡନ୍ତୁ ।
- କଞ୍ଚା ଅରଖ ପତ୍ର ଓ କଅଁଳ ଡାଳକୁ ଜମିରେ ପକାନ୍ତୁ, ଯାଦ୍ୱାରା ଜଉ ପୋକ କାଙ୍ଗୁରେ ନ ଲାଗି ଅରଖ ପତ୍ରରେ ବସି ରସ ଖାଇବେ ।
- ୨୦୦ ମି.ଲି. ଲେମ୍ବୁ ରସରେ ୧୫ ଲିଟର ପାଣି ମିଶାଇ ସପ୍ତାହକୁ ଥରେ ସନ୍ଧ୍ୟା ସମୟରେ ପତ୍ର ସିଂଚନ କରନ୍ତୁ ।
- ୩ ମି.ଲି ନିମ୍ବ ତେଲକୁ ୧ ଲିଟର ପାଣିରେ ମିଶାଇ ପ୍ରତି ୧୫ ଦିନ ଅନ୍ତରାଳରେ ପ୍ରୟୋଗ କରନ୍ତୁ ।
- ପ୍ରତି ୧୦ ଦିନ ଅନ୍ତରରେ ୧ ଲିଟର  ନିମାସ୍ତ୍ର ରେ ୧୫ ଲିଟର ପାଣି ମିଶାଇ ପତ୍ର ସିଂଚନ କରନ୍ତୁ ।

## ଉଈ ପୋକ (Termite)

- ଜମିରେ ଶେଷ ଓଡ ଚାଷ କଲା ସମୟରେ ଏକରକୁ ୧୫୦କି.ଗ୍ରା. ନିମ୍ବପିଡିଆକୁ ଗୋବର ଖତରେ  ଭଲକରି ମିଶାଇ ପ୍ରୟୋଗ କରନ୍ତୁ ।
- ଏକ ମାଠିଆରେ ୧କି.ଗ୍ରା. ନିମ୍ବପତ୍ରକୁ ଟିକ ଟିକ କରି କାଟି ପକାନ୍ତୁ, ସେଥିରେ ୫ ଲିଟର ଗୋମୁତ୍ର ଓ ୨୫୦ ମି.ଲି. ଚଲ୍ଲା ଦହି ମିଶାଇ ଦିଅନ୍ତୁ । ମାଠିଆ ମୁହଁକୁ ଭଲ ଭାବରେ ବାନ୍ଧି ଦୁଇ ଦିନ ରଖନ୍ତୁ । ତୃତୀୟ ଦିନ ଏହି ମିଶ୍ରଣକୁ ଛାଣି ସେଥିରେ ୨୦ ଲିଟର ପାଣି ଓ ଟିକେ ସର୍ଫଗୁଣ୍ଡ ମିଶାଇ ଉଈ ଆକ୍ରାନ୍ତ ସ୍ଥାନକୁ ସ୍ପ୍ରେ କରନ୍ତୁ ।
- ୫ କି.ଗ୍ରା. ଅରଖ ପତ୍ରକୁ କାଟି ୧୦ ଲିଟର ପାଣିରେ ୨୪ ଘଣ୍ଟା ବତରାନ୍ତୁ । ଏହାପରେ ଏହି ପାଣିକୁ ୩୦ ମିନିଟ ଫୁଟାଇ ଏବଂ ଥଣ୍ଡା କରି ଉଈ ଲାଗିଥିବା ସ୍ଥାନରେ ସ୍ପ୍ରେ କରନ୍ତୁ ।
- ବାସଙ୍ଗ ପତ୍ରକୁ ଛାଇରେ ଶୁଖାଇ ପରେ ଗୁଣ୍ଡ କରି ପାଉଁଶରେ ଗୋଳାଇ ଉଈ ଲାଗିଥିବା ସ୍ଥାନକୁ ପକାନ୍ତୁ ।





## ବିହନ ସଂଗ୍ରହ ଓ ସଞ୍ଚୟ  (Seed Selection & Storage)

- ଜମିର ମଧ ଭାଗରୁ ପ୍ରଥମେ ହୃଷ୍ଟ ପୃଷ୍ଟ , ନିରୋଗା ଓ ବଡ ବଡ  ମା' ଖେଡ ବା ମୂଳ ଖେଡକୁ ବାଛି କାଟିବେ।
- ଏହି ମା' ଖେଡକୁ ପଲିଥିନ ଉପରେ ଦୁଇ ରୁ ତିନି ଦିନ ଟାଣ ଖରାରେ ଶୁଖାଇବେ ।
- ଖେଡ ଶୁଖିଲା ପରେ ଏହାକୁ ନିଜ ହାତ କିମ୍ବା ଗୋଡରେ ମଳି ପୁନର୍ବାର ପଲିଥିନ ଉପରେ ଆଉ ଦୁଇ ଦିନ ଟାଣ ଖରାରେ( ସକାଳ ୧୦ ଟାରୁ ୩ ଟା ପର୍ଯ୍ୟନ୍ତ) ଶୁଖାଇବେ ।
- ବିହନର ଜଳୀୟଅଂଶ କୁ ଜଳୀୟଅଂଶ ମାପକ ଯନ୍ତ୍ର ଦ୍ୱାରା ମାପି ୧୦ - ୧୨% ମଧ୍ୟରେ ରଖିବେ ।
- କୋଦ ଶସ୍ୟକୁ ଭଲ ଭାବରେ ପାଛୁଡି, ଚାଲୁଣିରେ ଚଲାଇ ଗୋଟିଏ ପଲିଥିନ ଅଖା ମଧ୍ୟରେ ଆଉ ଗୋଟିଏ ପଲିଥିନ ଅଖା ପୁରାଇ ତା ମଧ୍ୟରେ ରଖିବେ ।
- ଏହି ବିହନରେ ଛାଇରେ ଶୁଖିଥିବା ବେଗୁନିଆ ବା ନିମ୍ବ ବା ହଳଦୀ ପତ୍ରର ଗୁଣ୍ଡ ମିଶାଇ ପଲିଥିନର ମୁହଁକୁ ଓଲଟା "U" ଆକାରର କରି ଭଲ ଭାବରେ ବାନ୍ଧିବେ ।
- ପଲିଥିନ ବସ୍ତାଟିକୁ କାନ୍ଥ ଠାରୁ ଛାଡି ଓ ତଳେ ଏକ କାଠ ପଟା ପକାଇ ଏକ ଅନ୍ଧାର ଘରେ ରଖିବେ ।

## ପୁଷ୍ଟିକର ମୂଲ୍ୟ (୧୦୦ ଗ୍ରାମ)

| ଆଦ୍ରତା (ଗ୍ରାମ) | ପୁଷ୍ଟିସାର (ଗ୍ରାମ) | ପାଉଁଶ (ଗ୍ରାମ) | ତୈଳ (ଗ୍ରାମ) | ତନ୍ତୁ (ଗ୍ରାମ) | ଶ୍ୱେତସାର (ଗ୍ରାମ) | ଖଣିଜ ପଦାର୍ଥ (ଗ୍ରାମ) | କ୍ୟାଲସିୟମ (ମିଲିଗ୍ରାମ) | ଲୌହ (ମିଲିଗ୍ରାମ) |
|---|---|---|---|---|---|---|---|---|
| ୧୪.୨୩ | ୯.୦ | ୧.୮ | ୨.୬ | ୬.୪ | ୬୬.୦ | ୧.୫ | ୧୬.୦୬ | ୧.୩ |



**ଶ୍ରୀ ଅନ୍ନ ଅଭିଯାନ** - ଖାଦ୍ୟ ସୁରକ୍ଷା, ପୋଷଣ ସୁରକ୍ଷା ଏବଂ ଜଳବାୟୁ ସହିଷ୍ଣୁତା

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର | www.milletsodisha.com

ଶ୍ରୀ ଅନ୍ନ ଅଭିଯାନ (Shree Anna Abhiyan)